### ସାରଣୀ ୭: ଚାରା ରୋପଣ ପାଇଁ ଉପଯୁକ୍ତ ବୟସ

| ଫସଲ | ଉପଯୁକ୍ତ ବୟସ (ଦିନ) |
|---|---|
| ବାଇଗଣ | ୩୦-୩୫ |
| ବିଲାତି ବାଇଗଣ | ୨୫-୩୦ |
| ଲଙ୍କା | ୪୦-୪୫ |
| ପିଆଜ | ୪୦-୪୫ |
| ବନ୍ଧା କୋବି | ୩୦-୩୫ |
| ଫୁଲ କୋବି | ୩୦-୩୫ |
| ସଜନା | ୩୦-୪୦ |

### ଅମଳ, ବ୍ୟବହାର ଏବଂ କିଣାବିକା

- ପରିବାରର ପ୍ରତିଦିନର ଆବଶ୍ୟକତା ଅନୁଯାୟୀ ବାଡ଼ିରୁ ଫସଲ ଅମଳ କରନ୍ତୁ ।
- ବଳକା ଫଳ ଓ ପନିପରିବାକୁ ଉପଯୁକ୍ତ ଅବସ୍ଥାରେ ଅମଳ କରନ୍ତୁ ଏବଂ ସ୍ଥାନୀୟ ବଜାରରେ ବିକ୍ରୟ କରି କିଛି ରୋଜଗାର କରନ୍ତୁ ।
- କିଛି ଫଳ ଓ ପନିପରିବାକୁ ମୂଲ୍ୟଯୁକ୍ତ ପ୍ରକ୍ରିଆକରଣ କରି ଜାମ୍, ଜେଲି, ଆଚାର, ସସ୍, ଚିପ୍ସ କରି ବ୍ୟବହାର କରନ୍ତୁ ବା ବଜାରରେ ବିକ୍ରୟ କରନ୍ତୁ ।



## ଉନ୍ନତ ମାନର ବାଡ଼ି ବଗିଚା ଚାଷ ମାଧ୍ୟମରେ ଆଦିବାସୀ କୃଷକ ପରିବାରର ଖାଦ୍ୟ ଓ ପୋଷକତତ୍ତ୍ୱର ସୁରକ୍ଷା


**ଏନ୍.ଆର୍.ଆର୍.ଆଇ. ବୈଷୟିକ ଇସ୍ତାହାର-୧୪୫**

(Published under TSP)



©ସମସ୍ତ ସତ୍ତ୍ୱ ସଂରକ୍ଷିତ: ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ମାର୍ଚ୍ଚ -୨୦୨୦



ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ: ସୁମନ୍ତ କୁମାର ମିଶ୍ର ଓ ସନ୍ଧ୍ୟାରାଣୀ ଦଲାଲ୍

ଓଡିଆ ରୂପାନ୍ତର: ଭବାନୀ ଶଂକର ଶତପଥୀ ଓ ସନ୍ଧ୍ୟାରାଣୀ ଦଲାଲ୍

ଓଡ଼ିଆ ମୁଦ୍ରା ଲେଖକ: ସୁଜାତା ମହାନ୍ତି

ଫଟୋ: ପ୍ରକାଶ କର ଏବଂ ଭଗବାନ ବେହେରା

ଟାଇପ୍ ସେଟ୍ : ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩ ୦୦୬

ପ୍ରକାଶକ : ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା.ଲିଃ., ଭୁବନେଶ୍ୱର


# ଉନ୍ନତ ମାନର ବାଡ଼ି ବଗିଚା ଚାଷ ମାଧ୍ୟମରେ ଆଦିବାସୀ କୃଷକ ପରିବାରର ଖାଦ୍ୟ ଓ ପୋଷକତତ୍ତ୍ୱର ସୁରକ୍ଷା


ଭବାନୀ ଶଙ୍କର ଶତପଥୀ, ଅମରେଶ କୁମାର ନାୟକ, ସଞ୍ଜୟ ସାହା, ସୁମନ୍ତ କୁମାର ମିଶ୍ର, ଶ୍ରୀକାନ୍ତ ଲେଙ୍କା
ମ୍ରିଦୁଲ ଚକ୍ରବର୍ତ୍ତୀ, ରଘୁ ଏସ, ବିଶ୍ୱଜିତ ମଣ୍ଡଳ, ବିସି ମାରାଣ୍ଡି, ଆଶୀର୍ବଚନ ମହାପାତ୍ର, ରଞ୍ଜନ କୁମାର ମହନ୍ତ




କୃଷକ ନିଜ ଘର ପଛପଟେ ବା ଘର ନିକଟରେ ଥିବା ବାଡ଼ି ବଗିଚାରେ ପରିବାରର ସଦସ୍ୟମାନଙ୍କ ଶ୍ରମରେ ନାନା ପ୍ରକାରର ଉଦ୍ୟାନ ଏବଂ ଆନୁସଂଗିକ କୃଷି କରି ନିଜ ପରିବାରର ପନିପରିବା ଏବଂ ଅନ୍ୟ ପୃଷ୍ଟିସାରର ଚାହିଦା ମେଣ୍ଟାଇବା ସହିତ ବେଶ୍ ଦୁଇ ପଇସା ରୋଜଗାର କରିଥାଏ। ଘର ପାଖ ବାଡ଼ିବଗିଚା ଯଦିଓବା ରୋଜଗାରର ମୁଖ୍ୟ ଉତ୍ସ ନୁହଁ, ମାତ୍ର ଏହା ଘରର ଖାଦ୍ୟସାର ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇଥାଏ । ଏହି ଚାଷ ପଦ୍ଧତି ପରିବାରର ପୋଷକତତ୍ତ୍ୱର ସୁରକ୍ଷା, ଅତିରିକ୍ତ ରୋଜଗାରର ପନ୍ଥା, ଘର ପାଖ ଜାଗାର ସୁବିନିଯୋଗ ସହିତ ଘରର ମହିଳା ସଦସ୍ୟ ମାନଙ୍କୁ କର୍ମ ଯୋଗାଣରେ ସାହାଯ୍ୟ କରିଥାଏ । ବିଭିନ୍ନ ପ୍ରକାରର ଫଳ, ପନିପରିବା ଏବଂ କନ୍ଦ ଜାତୀୟ ଫସଲ ବହୁଥାକ ଚାଷ ପଦ୍ଧତିରେ ଏଠାରେ ଲଗାଯାଏ, ଯାହାକି ପାରିପାର୍ଶ୍ୱିକ ସାଧନଗୁଡ଼ିକର ସୁବିନିଯୋଗ କରିଥାଏ। ଏହା ବ୍ୟତୀତ ଏହି ଚାଷ ପଦ୍ଧତିରେ ବିଭିନ୍ନଜାତୀୟ ଫସଲର ଅଂଶବିଶେଷ ଏବଂ ଅନ୍ୟାନ୍ୟ ଜୈବିକ ବାର୍ଜ୍ୟବସ୍ତୁର ସୁପରିଚାଳନା ମାଧ୍ୟମରେ ଜୈବ ବସ୍ତୁର ପୁନଃବ୍ୟବହାର ଏବଂ ପୋଷକତତ୍ତ୍ୱର ପୁନଃଚକ୍ରଣ ଦ୍ୱାରା ମାଟିର ସ୍ୱାସ୍ଥ୍ୟ ଠିକ ରହିବା ସହିତ କୃଷକ ପରିବାରର ଜୀବନଧାରଣର ମାନ ବଢ଼ିଥାଏ। ଓଡ଼ିଶାର ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ବାଡ଼ିବଗିଚାର ଚାହିଦା ଅନେକ । ଏହି ବାଡ଼ିବଗିଚାରେ ବୈଜ୍ଞାନିକ ଚାଷପଦ୍ଧତି ଯଥା ଉନ୍ନତ କିସମ, ଉତ୍‌କୃଷ୍ଟ ବିହନ, ଉପଯୁକ୍ତ ଫସଲ ପର୍ଯ୍ୟାୟ, ଜଳଜେସଚନ ଓ ଜଳନିଷ୍କାସନର ବ୍ୟବସ୍ଥା, ଜିଆ ଖତ ଦ୍ୱାରା ପୋଷକତତ୍ତ୍ୱର ପୁନଃଚକ୍ରଣ, ମହୁମାଛି ପାଳନ, ଜୈବିକ ରୋଗପୋକ ନିୟନ୍ତ୍ରଣ, ଯାନ୍ତ୍ରିକ ବା କୃଷିପରିଚାଳନା ପଦ୍ଧତିରେ ଅନାବନା ଘାସ ଦମନ ଏବଂ ବଳକା କୃଷିଜାତ ଦ୍ରବ୍ୟର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ କୃଷକ ପରିବାରର ଖାଦ୍ୟ ଏବଂ ପୋଷକତତ୍ତ୍ୱର ସୁରକ୍ଷା ନିଶ୍ଚିତ କରାଇବାରେ ସହାୟକ ହେବ ।

## ବାଡ଼ିବଗିଚାର ଉପକାରିତା



- କୃଷକ ପରିବାରର ସନ୍ତୁଳିତ ପୋଷକତତ୍ତ୍ୱର ଆବଶ୍ୟକତାକୁ ପୂରଣ କରିବାପାଇଁ ତଟକା ପୁଷ୍ଟିକର ଫଳ, ପନିପରିବା, ମୂଳ ଏବଂ କନ୍ଦ ଜାତୀୟ ଖାଦ୍ୟ ଯୋଗାଇଥାଏ ।
- ସ୍ଥାନୀୟ ବଜାରରେ ବଳକା ଦ୍ରବ୍ୟର ବିକ୍ରୟ ଦ୍ୱାରା ପରିବାରର ରୋଜଗାର ବୃଦ୍ଧି ହୋଇଥାଏ ।
- ବିଭିନ୍ନ ପ୍ରକାରର ଫଳ, ପନିପରିବା, ମୂଳ ଏବଂ କନ୍ଦ ଜାତୀୟ ଫସଲ ଚାଷ କରିବା ସମ୍ବନ୍ଧରେ କୃଷକର ଜ୍ଞାନ ବୃଦ୍ଧି ହୋଇଥାଏ ।
- ଗ୍ରାମୀଣ ଘରୋଇ ମହିଳାମାନେ କୃଷିକାର୍ଯ୍ୟରେ ଅଧିକ ଭାଗ ନେଇ ପାରନ୍ତି ।



- ଘର ପାଖ ଖାଲି ଜାଗାର ଉପଯୁକ୍ତ ବ୍ୟବହାର ହୋଇପାରେ । ଏହା ଦ୍ୱାରା ଘର ପାଖ ପରିବେଶ ସ୍ୱଚ୍ଛ ଏବଂ ସୁସ୍ଥ ରୁହେ ।
- ବାଡ଼ିରେ ଚାଷ କରିବାପାଇଁ ଘରେ ଓ ରୋଷେଇ ଘରେ ବ୍ୟବହୃତ ହୋଇସାରିଥିବା ଜଳ ଓ ବସ୍ତୁର ପୁନଃବ୍ୟବହାର ଓ ପୁନଃଚକ୍ରଣ ହୋଇଥାଏ ।
- ଘର ବାଡ଼ିରେ ଜୈବବିବିଧତାର ବୃଦ୍ଧି ଓ ସଂରକ୍ଷଣ ହୋଇଥାଏ ।

## ବାଡ଼ିବଗିଚା କରିବାର ଯୋଜନା

- ଏକ ଉପପେଯାଗୀ ଏବଂ ଅମଳ କ୍ଷମ ବାଡ଼ିବଗିଚା କରିବାପାଇଁ ଯତ୍ନରସହ ଯୋଜନା କରିବା ଆବଶ୍ୟକ । ବଗିଚାର ଯୋଜନା ଏବଂ ନକ୍ସା ଉପଲବ୍ଧ ଥିବା ଜାଗା, ଶ୍ରମିକ, ସୂର୍ଯ୍ୟାଲୋକ ଓ ଜଳ ଉପରେ ନିର୍ଭର କରିଥାଏ ।
- ଜଳ ଏବଂ ସୂର୍ଯ୍ୟାଲୋକର ଆବଶ୍ୟକତା ଅନୁଯାୟୀ ଫସଲ ଚୟନ କରନ୍ତୁ ।
- ଘରବାଡ଼ିର ସୀମାରେ କମ ଉଚ୍ଚତାବିଶିଷ୍ଟ ଗଛ ତଥା ଅମୃତଭଣ୍ଡା, କଦଳୀ, ସଜନା, ଭୃସଙ୍ଗ ଇତ୍ୟାଦି ଲଗେଇବା ଉଚିତ ଯେପରିକି ଏହା ସୂର୍ଯ୍ୟାଲୋକ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଥିବା ପନିପରିବା ଗଛ ପାଇଁ ବାଧା ସୃଷ୍ଟି କରିବନାହିଁ ।



- ପନିପରିବା ଯଥା ମୂଳା, ଖଡ଼ା ଶାଗ, ବନ୍ଧା କୋବି, ଫୁଲ କୋବି, ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଗଛ ଅଧିକ ସୂର୍ଯ୍ୟାଲୋକ ବିଶେଷତଃ ପ୍ରାତଃ ସୂର୍ଯ୍ୟାଲୋକରେ ଭଲ ବଢ଼ିଥାନ୍ତି । ସେଥିପାଇଁ ଏହି ପନିପରିବାକୁ ପୂର୍ବପାଖରେ ଲଗାଇବା ଉଚିତ ।
- ଆଂଶିକ ଛାଇ ଜାଗାରେ, ଛାଇରେ ଭଲ ବଢ଼ି ପାରୁଥିବା ଫସଲ ଯଥା ଖମ୍ବ ଆଳୁ, ସପୁରୀ, ଅଦା, ହଳଦୀ, ପାଳୁଅ ଇତ୍ୟାଦି ଲଗାଇବା ଉଚିତ ।
- ଲତା ଜାତୀୟ ପନିପରିବା ଯଥା କଲରା, ଶିମ୍ବ, ପୋଇ, ଲାଉ, କାକୁଡ଼ି, ଛଚିନ୍ଦ୍ରା, ଜହ୍ନି, କଖାରୁ, ପାଣି କଖାରୁ, କାଙ୍କଡ଼, ମାଟି ଆଳୁ ବାଡ଼ ଚାରିପଟେ ଲଗା ଯାଇପାରିବ ।



## ଘର ବାଡ଼ିବଗିଚାର ନକ୍ସା ଏବଂ ବିଶେଷତ୍ୱ

### ବାଡ଼

- ଆବଶ୍ୟକତା ଓ କ୍ଷମତା ଅନୁଯାୟୀ ଚାଷୀମାନେ ଗଛ ଲଗାଇ ବଗିଚା ଚାରିପାଖରେ କଣ୍ଟା ବାଡ଼ ସୃଷ୍ଟି କରିପାରିବେ କିମ୍ବା କଣ୍ଟା ତାର ବାଡ଼ କିମ୍ବା ଦସ୍ତା ଲେପିତ ଲୁହା ଜାଲି ବାଡ଼ କରିପାରିବେ ।
- ଲତା ଜାତୀୟ ପନିପରିବା ଯଥା: କଲରା, ଶିମ୍ବ, ଲାଉ, କାକୁଡ଼ି, ଛଚିନ୍ଦ୍ରା, ଜହ୍ନି, କଖାରୁ, ପାଣି କଖାରୁ, କାଙ୍କଡ଼, ମାଟି ଆଳୁ ଲଗାଇ ଚାରି ପଟେ ଥିବା ବାଡ଼ରେ ମଡ଼ାଇ ପାରିବେ ।


### ବହୁବାର୍ଷିକ ପଟି

- ବହୁବାର୍ଷିକ ଗଛ ଲଗାଇବା ପାଇଁ ବାଡ଼ିବଗିଚାର ପଛପାଖରେ ଏବଂ ବାଡ଼ର ଗୋଟିଏ ପାଖରେ କିଛି ଜାଗା ଖାଲି ରଖନ୍ତୁ, ଯେପରିକି ଋତୁକାଳୀନ ଫସଲ ଉପରେ ତାହାର ଛାଇ ପଡ଼ିବ ନାହିଁ ।
- ବହୁବାର୍ଷିକ ପଟିରେ ଆତ, ପିଜୁଳି, ଅମୃତଭଣ୍ଡା, କଦଳି, ଲେମ୍ବୁ, ସଜନା, ଭୃଶଙ୍ଗ ଇତ୍ୟାଦି ଗଛ ଲଗାଯାଇପାରିବ ।



## ଖତ ଗାଡ଼ କିମ୍ବା ଜିଆ ଖତ ପ୍ରସ୍ତୁତ ସ୍ଥଳ

- ବହୁବାର୍ଷିକ ପଟିର ପାଖରେ ବଗିଚାର ଗୋଟିଏ କୋଣରେ ଖତ ଗାଡ଼ କରନ୍ତୁ କିମ୍ବା ରାଇନୋ ଜିଆ ଖତ ଶଯ୍ୟା ସ୍ଥାପନ କରନ୍ତୁ ।
- ବିଭିନ୍ନ ପ୍ରକାରର ବୈର୍ଜ୍ୟବସ୍ତୁ ଯଥା: ଫସଲ ଅବଶେଷ, ରୋଷେଇ ଘରର ବୈର୍ଜ୍ୟବସ୍ତୁ, ପଶୁସମ୍ପଦ ବୈର୍ଜ୍ୟବସ୍ତ, ଅନାବନା ଘାସ ତଥା କୃଷିକ୍ଷେତ୍ରରୁ ବାହାରୁଥିବା ବିଭିନ୍ନ ଜୈବିକ ଆବର୍ଜନାକୁ ଖତ ତିଆରି କରିବାରେ ବ୍ୟବହାର କରନ୍ତୁ ।
- ଖତ ଗାଡ଼ କଡ଼ରେ ଛଚିନ୍ଦ୍ରା, ଜହ୍ନି, କଖାରୁ, ଲାଉ ଇତ୍ୟାଦି ଲଗାଇ ମଞ୍ଚାରେ ମଡ଼ାଇପାରିବେ ।



## ରାସ୍ତା ଏବଂ ଜଳସେଚନ ନାଳୀ

- ରାସ୍ତା ଏବଂ ଜଳସେଚନ ନାଳୀ ଏପରି ତିଆରି କରନ୍ତୁ ଯେପରିକି ବଗିଚାର ପ୍ରତ୍ୟେକ ଜାଗାକୁ ସଂଯୋଗ କରିବ ।
- ରାସ୍ତା ଏବଂ ଜଳସେଚନ ନାଳୀ ପାର୍ଶ୍ୱରେ କମ ଅବଧି ଫସଲ ଯଥା: ମୂଳା, ପାଳଙ୍ଗ, ପିଆଜ, ଧନିଆ ଇତ୍ୟାଦି ଲଗାନ୍ତୁ ।



ମାଟି ଆଳୁ

## ଋତୁକାଳୀନ ପଟି

- ଉପରରୋକ୍ତ ଆଲୋଚନାକ୍ରମେ ଜାଗା ବର୍ଣ୍ଟନ କରିସାରିବା ପରେ, ଅବଶିଷ୍ଟ ଜାଗାରେ ୧୦-୧୫ଟି ପଟାଳି ତିଆରି କରି ଋତୁକାଳୀନ ପନିପରିବା ଏବଂ/କିମ୍ବା ସଶ୍ୟଜାତୀୟ ଫସଲ ଲଗାଯାଇପାରିବ ।

## ଋତୁକାଳୀନ ପଟିରେ ଫସଲ ପର୍ଯ୍ୟାୟ ଓ ଫସଲ ଅନୁକ୍ରମ

- ଜମି, ଜଳ, ପୋଷକତତ୍ୱ ଏବଂ ଅନ୍ୟ ପ୍ରାକୃତିକ ସମ୍ବଳର ଉପଯୁକ୍ତ ବିନିଯୋଗ କରିବାପାଇଁ ଗୋଟିଏ ପଟାଳିରେ ଗୋଟିଏ ବର୍ଷରେ ଏକାଧିକ ଫସଲ କରନ୍ତୁ ।
- ନିୟମିତ ପନିପରିବା ଯୋଗାଇବା ପାଇଁ କମ ଅବଧିଯୁକ୍ତ ଫସଲକୁ ପ୍ରାଥମିକତା ଦେଇ ଲଗାନ୍ତୁ ।
- ଋତୁ, ପରିବାରର ସଦସ୍ୟମାନଙ୍କ ପସନ୍ଦ ଏବଂ ସ୍ଥାନୀୟ ବଜାରର ଚାହିଦା ଅନୁଯାୟୀ ପନିପରିବା ଫସଲ ଚୟନ କରନ୍ତୁ ।



ଜିଆଖତ ଶଯ୍ୟା

## ସାରଣୀ ୧ : ଘର ବାଡ଼ିବଗିଚା ପାଇଁ ଅନୁମୋଦିତ ପନିପରିବା ଫଳ ଏବଂ କନ୍ଦଜାତୀୟ ଫସଲ

| ଫସଲ | ଋତୁ/ବୁଣିବା ସମୟ | ଲଗେଇବା ପ୍ରଣାଳୀ ମଞ୍ଜି ବୁଣିବା | ଲୋକପ୍ରିୟ କିସମ | ଅବଧି (ଦିନ) | ଲଗାଇବା ଦୂରତା(ସେ.ମି.) |
|---|---|---|---|---|---|
| **ପନିପରିବା** | | | | | |
| ଭେଣ୍ଡି | ବାରମାସି | | ଅର୍କ ଅନାମିକା | ୯୦-୧୧୦ | ୬୦ x ୩୦ |
| ଖଡ଼ା ଶାଗ | ଅପ୍ରେଲ - ଜୁଲାଇ | ଛଟା ବୁଣା | ଉତ୍କଳ ମୟୂରୀ | ୨୫-୩୦ | - |
| ପାଳଙ୍ଗ | ଅକ୍ଟୋବର - ଡିସେମ୍ବର | ଧାଡ଼ିବୁଣା | ଅର୍କ ଅନୁପମା | ୭୫-୮୦ | ୨୦ x ୧୦ |
| ମଟର | ଅକ୍ଟୋବର - ନଭେମ୍ବର | ଧାଡ଼ିବୁଣା | ଅର୍କ ପ୍ରିୟା, ଅର୍କ ସଂପୂର୍ଣ୍ଣ, ଅର୍କ କାର୍ତ୍ତିକ | ୯୦ | ୪୫ x ୩୦ |
| ବାଇଗଣ | ଜୁନ - ଜୁଲାଇ, ସେପ୍ଟେମ୍ବର - ଅକ୍ଟୋବର | ତଳି ଲଗାଇବା | ଅର୍କ କୁସୁମକର, ଅର୍କ ଆନନ୍ଦ. ଉତ୍କଳ ତାରିଣୀ | ୧୬୦-୧୬୫ | ୭୫ x ୬୦ |
| ଲଙ୍କା | ଜୁନ - ଜୁଲାଇ, ସେପ୍ଟେମ୍ବର - ଅକ୍ଟୋବର | ତଳି ଲଗାଇବା | ଅର୍କ ମେଘନା, ସୁରଜ ମୁଖୀ, ଉତ୍କଳ ଆଭା | ୧୧୦-୨୪୦ | ୪୫ x ୩୦ |
| ସିମଳା ଲଙ୍କା | ସେପ୍ଟେମ୍ବର - ଅକ୍ଟୋବର | ତଳି ଲଗାଇବା | ଅର୍କ ମୋହିନୀ, କାଲିଫର୍ନିଆ ୱଣ୍ଡର | ୧୫୦-୧୬୦ | ୪୫ x ୪୫ |
| ବନ୍ଧା କୋବି | ସେପ୍ଟେମ୍ବର - ନଭେମ୍ବର | ତଳି ଲଗାଇବା | ଗୋଲଡେନ ଏକର, ପ୍ରାଇଡ ଅଫ ଇଣ୍ଡିଆ | ୧୦୫-୧୨୦ | ୬୦ x ୪୫ |
| ଫୁଲ କୋବି | ସେପ୍ଟେମ୍ବର - ନଭେମ୍ବର | ତଳି ଲଗାଇବା ସିଆରରେ ମଞ୍ଜି ବୁଣିବା | ପୁସା ୟାରଲି ସିଂଥେଟିକ, ପୁସା କଟକି, ପୁସା ଶାରଦା | ୯୦-୧୦୫ | ୬୦ x ୬୫ |
| ଗାଜର | ଅକ୍ଟୋବର - ନଭେମ୍ବର | ସିଆରରେ ମଞ୍ଜି ବୁଣିବା | ପୁସା କେଶର, ପୁସା ରୁଧିର | ୧୨୦ | ୩୦ x ୧୫ |
| ମୂଳା | ଜୁନ-ଜୁଲାଇ, ଅକ୍ଟୋବର - ନଭେମ୍ବର | | ପୁସା ଦେଶୀ, ପୁସା ଚେତକୀ | ୧୧୦ | ୩୦ x ୧୫ |
| ବିଲାତି ବାଇଗଣ | ଜୁନ-ଜୁଲାଇ, ଅକ୍ଟୋବର - ନଭେମ୍ବର | ତଳି ଲଗାଇବା | ଅର୍କ ରକ୍ଷକ, ଉତ୍କଳ କୁମାରୀ | ୧୩୫-୧୫୦ | ୬୦ x ୬୦ |
| ବିନ୍ସ | ସେପ୍ଟେମ୍ବର - ନଭେମ୍ବର | ମଞ୍ଜି ବୁଣିବା | ଅର୍କ କୋମଲ, କଣ୍ଟେଣ୍ଡର | ୯୦-୧୦୦ | ୪୫ x ୨୦ |
| କଖାରୁ | ଜୁନ - ଜୁଲାଇ, ଅପ୍ରେଲ - ମଇ | ବାଡ଼ ପାଖରେ ମଞ୍ଜି ବୁଣିବା ମନ୍ଦା କରି | ଅର୍କ ସୁର୍ଯ୍ୟମୁଖୀ | ୧୩୫-୧୮୦ | ୨୫୦ x ୨୦୦ |
| ଜହ୍ନି | ଜୁନ - ଜୁଲାଇ, ଅପ୍ରେଲ - ମଇ | ଲଗାଇବା ବାଡ଼ ପାଖରେ ମନ୍ଦା କରି | ଉତ୍କଳ ତୃପ୍ତି, ପୁସା ନାସଦାର | ୧୨୫ | ୧୦୦ x ୧୫୦ |
| କଲରା | ଜୁନ - ଜୁଲାଇ, ଅପ୍ରେଲ - ମଇ | ଲଗାଇବା ବାଡ଼ ପାଖରେ ମନ୍ଦା କରି | ପୁସା ଦୋମୌସୁମୀ | ୧୪୦-୧୫୦ | ୧୦୦ x ୧୫୦ |
| ଲାଉ | ଜୁନ - ଜୁଲାଇ, ଅପ୍ରେଲ - ମଇ | ଲଗାଇବା ବାଡ଼ ପାଖରେ ମନ୍ଦା କରି | କାଶୀ ବାହାର, ଅର୍କ ବାହାର | ୧୩୫ | ୧୦୦ x ୧୫୦ |
| କାକୁଡ଼ି | ଜୁନ - ଜୁଲାଇ, ଫେବ୍ରୁଆରୀ - ମାର୍ଚ୍ଚ | ଲଗାଇବା ବାଡ଼ ପାଖରେ ମନ୍ଦା କରି | ପୁସା ସଂଯୋଗ, ଜାପାନିଜ ଲଙ୍ଗ ଗ୍ରୀନ | ୧୨୦ | ୬୦ |
| ପାଣି କଖାରୁ | ଜୁନ - ଜୁଲାଇ | ଲଗାଇବା | କାଶୀ ଧବଳ, କାଶୀ ଉଜ୍ଜ୍ୱଳ | ୧୪୦-୧୫୦ | ୩୦୦ |

| | | | | | |
|---|---|---|---|---|---|
| ଶିମ୍ବ | ଅଗଷ୍ଟ - ସେପ୍ଟେମ୍ବର | ବାଡ଼ ପାଖରେ ମନ୍ଦା କରି ଲଗାଇବା | ଅର୍କ ଜୟ | ୯୦-୧୨୦ | ୬୦ |
| ପିଆଜ | ସେପ୍ଟେମ୍ବର-ଅକ୍ଟୋବର | ତଳି ଲଗାଇବା | ଏଗ୍ରି ଫାଉଣ୍ଡ ରେଡ଼, ଅର୍କ ଭୀମ | ୧୪୫-୧୫୦ | ୩୦ x ୧୦ |
| ରସୁଣ | ଅକ୍ଟୋବର-ନଭେମ୍ବର | ସିଆରରେ ପୋତିବା | ଏଗ୍ରି ଫାଉଣ୍ଡ ହ୍ୱାଇଟ | ୯୦-୧୦୦ | ୧୫ x ୧୦ |
| ଝୁଡ଼ଙ୍ଗ | ଜୁନ-ଜୁଲାଇ, ସେପ୍ଟେମ୍ବର-ଅକ୍ଟୋବର | ମଞ୍ଜି ବୁଣିବା | ଅର୍କ ମଙ୍ଗଳା | ୯୦-୧୦୫ | ୪୫ x ୩୫ |
| ବରଗୁଡ଼ି | ଜୁନ - ଜୁଲାଇ, ଅପ୍ରେଲ - ମଇ | ମଞ୍ଜି ବୁଣିବା | ଅର୍କ ଗାରିମା ଉତ୍କଳ ମାଣିକ | ୫୫-୮୦ | ୪୫ x ୧୫ |
| **କନ୍ଦ ଜାତୀୟ ଫସଲ** | | | | | |
| ଓଲୁଅ | ମଇ - ଜୁନ୍ | ଗାତ କରି କନ୍ଦ ଲଗାଇବା | ଓଡ଼ିଶା ଇଲାଇଟ, ଶ୍ରୀ କିର୍ତ୍ତୀ, ହାତୀଖୋଜ | ୧୧୦-୧୪୦ | ୯୦ x ୯୦ |
| ଖମ୍ବ ଆଳୁ | ମଇ - ଜୁନ୍ | ଗାତ କରି କନ୍ଦ ଲଗାଇବା | ଗଜେନ୍ଦ୍ର | ୧୮୦-୧୧୦ | ୯୦ x ୯୦ |
| ସାରୁ | ମଇ - ଜୁନ୍ | ସିଆର ରେ ଲଗାଇବା | ମୁକ୍ତାକେଶୀ, ତେଲିଆ ଟୋପି, ଶଙ୍ଖ ସାରୁ | ୧୫୦-୧୮୦ | ୬୦ x ୪୫ |
| କନ୍ଦ ମୂଳ | ଜୁଲାଇ - ଅଗଷ୍ଟ | କଟା ଡଙ୍କ ହିଡ଼ରେ ପୋତିବା | ଗୌରୀ, ସୌରୀନ, କଳିଙ୍ଗ, ଗୌତମ, ଭୂ-ସୋନା | ୧୧୦-୧୨୦ | ୬୦ x ୨୦ |
| ସାକର କନ୍ଦ | ଅଗଷ୍ଟ - ସେପ୍ଟେମ୍ବର | ମଞ୍ଜି ବୁଣିବା | ରାଜେନ୍ଦ୍ର, ମିଶିରି କନ୍ଦ | ୯୦ | ୪୫ x ୩୦ |
| ଆଳୁ | ଅକ୍ଟୋବର - ନଭେମ୍ବର | ହୁଡ଼ାରେ ଲଗାଯାଏ | କୁଫ୍ରି ଖ୍ୟାତି, କୁଫ୍ରି ଲାଲିମା, କୁଫ୍ରି ଜ୍ୟୋତି | ୭୦-୯୦ | ୫୦ x ୨୦ |
| **ବୃକ୍ଷ ଜାତୀୟ ଫସଲ** | | | | | |
| ସଜନା | ଜୁନ୍ - ଜୁଲାଇ | କଟା କାଣ୍ଡ/ଚାରା | ପିକେ ଏମ ୧, ସିଓ ୧, ଲୋକାଲ | ବହୁବାର୍ଷିକ | ୪୦୦ |
| ଆତ | ଜୁନ୍ - ଜୁଲାଇ | କଲମୀ | ଅର୍କ ସାହାନ, ବହୁବାର୍ଷିକ | ବହୁବାର୍ଷିକ | ୫୦୦ |
| ପିଜୁଳି | ଜୁନ୍ - ଜୁଲାଇ | ଗୁଟି | ଆଲ୍ଲାହାବାଦ ସଫେଦା ଅର୍କ ରଶ୍ମି | ବହୁବାର୍ଷିକ | ୫୦୦ |
| କଦଳୀ | ଜୁନ୍ - ଜୁଲାଇ | ପୁଆ | ବନ୍ତଳ, ବତିଶା, ଚମ୍ପା, ପାଟକପୁରା | ବହୁବାର୍ଷିକ | ୧୫୦ |
| ଲେମ୍ବୁ | ଜୁନ୍ - ଜୁଲାଇ | ଗୁଟି | ସିଡ ଲେସ ଲାଇମ | ବହୁବାର୍ଷିକ | ୪୦୦ |
| ଆମ୍ବ | ଜୁନ୍ - ଜୁଲାଇ | କଲମୀ | ଆମ୍ରପଲ୍ଲି, ମଲ୍ଲିକା, ବାଇଗଣିପଲ୍ଲି | ବହୁବାର୍ଷିକ | ୫୦୦ |
| ଅମୃତଭଣ୍ଡା | ଜୁନ୍ - ଜୁଲାଇ | ଚାରା | ରେଡ ଲେଡି, ପୁସା ନନ୍ହା | ବହୁବାର୍ଷିକ | ୧୫୦ |

- ମୃତ୍ତିକା ସ୍ୱାସ୍ଥ୍ୟକୁ ବଜାୟ ରଖିବାପାଇଁ ଫସଲ ଅନୁକ୍ରମ ଅନୁସରଣ କରନ୍ତୁ ।



## ସମନ୍ୱିତ ଫସଲ ପରିଚାଳନା

- ଉତ୍ତମ ଗୁଣବତ୍ତାବିଶିଷ୍ଟ ବିହନ ବ୍ୟବହାର କରନ୍ତୁ ଏବଂ ବିହନ ବିଶୋଧନ ଜୈବିକ ଔଷଧରେ କରନ୍ତୁ ।
- ଫସଲର ପୋଷକତତ୍ତ୍ୱର ଆବଶ୍ୟକତାକୁ ପୂରଣ କରିବା ପାଇଁ ଭଲଭାବରେ ସଢ଼ିଯାଇଥିବା ଖତ, ତେଲ ପିଡ଼ିଆ ଏବଂ ଜିଆଖତ ବ୍ୟବହାର କରନ୍ତୁ ।
- ଶୁଖିଲା ଫସଲ ଅବଶେଷକୁ ବ୍ୟବହାର କରି ଜୈବିକ ଆଚ୍ଛାଦନ କରନ୍ତୁ ।



- ମୃତ୍ତିକା ସ୍ୱାସ୍ଥ୍ୟକୁ ବଜାୟ ରଖିବା ପାଇଁ ଡାଲିଜାତୀୟ ଫସଲ ସହିତ ଫସଲ ଅନୁକ୍ରମକୁ ଅନୁସରଣ କରନ୍ତୁ ।
- ଫସଲର ପ୍ରାଥମିକ ଅବସ୍ଥାରେ ପିଙ୍ଗର ଓ୍ୱାଇଡର ବ୍ୟବହାର କରି ଅନାବନା ଘାସକୁ ଦମନ କରନ୍ତୁ ।
- ଆବଶ୍ୟକତା ଅନୁଯାୟୀ ରୋଗ ଓ ପୋକ ନିୟନ୍ତ୍ରଣ ପାଇଁ ଉଦ୍ଭିଦଜାତ କିମ୍ବା ଜୈବ କିଟନାଶକ ବ୍ୟବହାର କରନ୍ତୁ ।



- ଫଳଗଛର ଚାରା ଏବଂ ବର୍ଷାଦିନିଆ ପନିପରିବା ତଳି ଜୁନ-ଜୁଲାଇ ମାସରେ ରୋପଣ କରିବା ବିଧେୟ ।
- କଲମୀ ଫଳଚାରା ଜଣାଶୁଣା ସଂସ୍ଥାରୁ କ୍ରୟ କରନ୍ତୁ ଏବଂ ସଠିକ ଜାଗାରେ ରୋପଣ କରନ୍ତୁ ।
- ବାଇଗଣ, ବିଲାତି ବାଇଗଣ, ବନ୍ଧା କୋବି, ଫୁଲ କୋବି, ଲଙ୍କା ଆଦି ପନିପରିବା ଚାରା ନିଜ ବାଡ଼ିରେ ଉତ୍ପାଦନ କରନ୍ତୁ ।
- ପନିପରିବା ତଳି ପଟିରେ ଚାରା ଉଠାଇବାର ୨-୩ ଦିନ ପୂର୍ବରୁ ପାଣି ଦେବା ବନ୍ଦ କଲେ ଚାରାଗୁଡ଼ିକର ସହଣୀ ଶକ୍ତି ବଢ଼ିଥାଏ ।